*କଥା ସାହିତ୍ୟ*

# ସବୁଜ ବିପ୍ଳବ

କବି ରଘୁନାଥ ଦାସ

ତୁମେ ବିଶ୍ବାସ କର ବା ନ କର, ପାଖଆଖ ଗାଁର ହିନ୍ଦୁମାନଙ୍କର ଦୃଢ଼ ଧାରଣା ଯେ , ସେ ଥୁଣ୍ଟା ଗଛରେ ଭୂତମୁଣ୍ଡୀ ବା ଠାକୁରାଣି ଅଛନ୍ତି ଓ ମୁସଲମାନମାନେ ବିଶ୍ବାସ କରନ୍ତି ଯେ, ସେଠି ଗୋଟିଏ ସଇତାନ ଆସ୍ଥାନ ଜମାଇଛି।

ଢେ଼ଙ୍କୁଣୀ ଗାଁଠୁ କୋଡ଼ିଏ ପଚିଶ କଦମ ଛାଡ଼ି  ରାସ୍ତା କଡ଼ରେ ଏହି ଥୁଣ୍ଟା ଗଛଟା ଅନେକକାଳରୁ ସେମିତି ଛିଡ଼ା ହେଇଛି ଛାଲଛଡ଼ା ମୋଟା ଗଣ୍ଡି ଉପରେ । ଦୁଇଟା ନଣ୍ଡା ଶାଖା  ଦୁଇପଟକୁ ମେଲିଯାଇଛି। ଗଛର ଶଖା ଦୁଇଟାର ଉପରିଭାଗ ଓ ଗଣ୍ଡିର ଅଗ୍ରଭାଗ କେହି ମୁଣ୍ଡିଆ କରି କାଟି ନେଇଛି। ଦେଖିଲେ ଧାରଣା ହୁଏ, ସତେ ଯେମିତି ସେଇଟା କଂସେଇ ଦୋକାନରେ ଟଙ୍ଗା ହୋଇଥିବା ଛାଲିଉତୁରା ଗୋଟାଏ ବକରୀ, ଯାହାର ପଛ ଫଡ଼ିଆ ଦୁଇଟା ବିକ୍ରି ହୋଇଯାଇଛି। ସେ କି ଗଛ ଥିଲା ଠଉରେଇବା ମୁସ୍କିଲ୍ ହେଲେ ବି, ତା' ଯେ ଖୁବ୍ ଚେମଡା କାଠ ଏଥିରେ ସନ୍ଦେହ ନହିଁ। ବେଛପରି ନିଆଁସି ଢ଼ିହରେ କୁଷ୍ଠରୋଗୀ ତା'ର ଗଣ୍ଠିଲି ମେଲିଲା ପରି ସେହି ଥୁଣ୍ଟା ଗଛର ଉପରିଭାଗରେ ଗୋଟିଏ ମଲାଙ୍ଗ ବରଗଛ  ତା'ର ଗୋଛାଏ ସିଅ ଜଟେଇ ଦେଇ ଶୁଖିଲା ଗଣ୍ଡିରେ ଉପରିଭାଗକୁ ଆବୁରୁ ଜାବୁରୁ କରି ଜାବୁଡ଼ି ଧରିଛି। ଆଉ ବଂଚାଇ ରଖିଛି ଗୋଟିଏ ସରୁ ମୁରୁକୁଟିଆ ଶାଖାକୁ , ଥୁଣ୍ଟାର ଅଗ୍ରଭାଗରେ ମଲାଗଣ୍ଡି ଉପରେ ଛିଡ଼ା ହୋଇ ପାଞ୍ଚଣେ ଲମ୍ବ ଏହି ଶାଖା ତା'ର ସଜୀବତା ପ୍ରକଟ କରେ। ଅଗ ମୁଣ୍ଡରେ ନାଲିଆ ଟୋପି ଓ ଦେହରେ ମାତ୍ର ଦୁଇଟି ସବୁଜ ପତ୍ରର ଜାମା ପିନ୍ଧି, ସବୁଜ ପତ୍ର ଦୁଇଟି  କିଛିଦିନ ପରେ ହଳଦିଆ ପଡ଼ିଯାଏ ଝଡ଼ିପଡ଼େ ଓ ତା'ର ସ୍ଥାନରେ ଦେଖାଦିଏ ଆଉ ଦୁଇଟି ସବୁଜ ପତ୍ର।ଶାଖାଟି ରୁଗ୍ଣ ଓ ତା'ର ସମ୍ବଳ ମାତ୍ର ଦୁଇଟି ପତ୍ର ହେଲେ ବି ଆତ୍ମ ପ୍ରତିଷ୍ଠା କରିବାରେ  ତା'ର ଉଦ୍ୟମ ଚମକପ୍ରଦ। ପ୍ରତି ଦମକାଏ ପବନରେ ଶାଖାଟା ନାଚିକୁଦି ପତ୍ର ଦିଇଟାକୁ ହଲେଇ ହଲେଇ ଏପରି ଆବାଜ କରେ ଯେ ନ ଜାଣିଲା ଲୋକ ସେଥିରେ ଚମକି ପଡିବ । ମନେହେବ ସତେ ଯେପରି କେହି ଜଣେ ତାକୁ ଉପହାସ କରି ତାଳି ଉପରେ ତାଳି ମାରିଚାଲିଛି। ଥୁଣ୍ଟା ଗଛର ଏହି ମଲାଙ୍ଗର ଅଦ୍ଭୁତ ରୂପରେଖ ସହିତ ଅସତର୍କ ଲୋକଙ୍କୁ ଏପରି ଚମକାଇବା ଗୁଣରୁ ଗାଉଁଲି ଲୋକ ତହିଁରେ ଆଧିଭୌତିକ ଶକ୍ତିର ଆରୋପ କଲେ ବି ପତର ଜୀଆଁଇ ଅତର୍କିତ ଆବଜରେ ଛାନିଆ କରିବା ଛଡ଼ା ଆଉ କୌଣସି ବ୍ୟାପ୍ଯାତ ଘଟିବାର କେବେହେଲେ ଶୁଣାଯାଏ ନାହିଁ।

ମୁଣ୍ଡ ଉପରେ ସୁଗୁଡ଼ାଏ ସବୁଜିଆ ମୁକ୍ତାକେଶି ବାଇଗଣ ତଳି ଓ ମୁଣ୍ଡ ଭିତରେ ସବୁଜ ବିପ୍ଳବ ସ୍ବପ୍ନ ନେଇ ଗୋପରୀ ନଈ ପାର ହୋଇ ଭୂତମୁଣ୍ଡୀ କୁଦ ଉପରେ ବେଣାବୁଦା ମଝିରେ ସାପ ଭଳି ଯେଉଁ ସରୁ ବାଟଟି ଅଠର ବାଙ୍କ ହୋଇପଡ଼ିଛି ସେଥିରେ ମିର୍ଜା ଦେଢ଼ କୋଶ ଅତିକ୍ରମ କରିଯାଇଛି, ସେ ବିଷୟରେ ହୋସ ନ ଥା'ନ୍ତା ଯେବେ ଦମକାଏ ପବନ ଆସି ତା ମୁଣ୍ଡ ସୁଗୁଡ଼ାଟାକୁ ଚହଲାଇ ଦେଇ ନଥାନ୍ତା ଓ ଥୁଣ୍ଟା ଗଛର ସୈତାନ ଡାଙ୍ଗ ତାକୁ ବିଦ୍ରୂପ କଲାଭଳି ତାଳି ଉପରେ ତାଳି ମାରି ନ ଥାନ୍ତା ବରପତ୍ର ଦୁଇଟା ମିର୍ଜାକୁ ତା' ଭାବନା ରାଜ୍ୟରୁ ଖସାଇ ଆଣିଲେ ତା'ର ନଅଙ୍କିଆ ଢେ଼ଙ୍କୁଣୀ ଗାଁର ଦାରିଦ୍ର୍ୟ ପରିବେଶକୁ।

Powered by Tekons

# ସବୁଜ ବିପ୍ଳବ

କବି ରଘୁନାଥ ଦାସ

ପନ୍ଦରବର୍ଷ ପରେ ଅଚାନକ ଝଡ଼ି ପରେ ପରେ ଗୋବରୀ ନଈ ଯେବେ ଫୁଲି ଉଠି ଗାଁ ଗଣ୍ଡା ସବୁ ଜଳାର୍ଣ୍ଣବ କରିଦେଇଥିଲା, ତା'ପର ଠାରୁ ସେ ଗାଁ ଆଉ ଗାଁ ହୋଇ ନାହିଁ। ଅଧିକାଂଶ ଜମି ବାଲିଚର ହୋଇ ଯିବାରୁ ପେଟ ବିକଳରେ ସବୁ ଘରୁ ଜଣେ ଦି'ଜଣ ବିଦେଶ ଯାଇ ଯାହା ଦି' ପଇସା ରୋଜଗାର କରନ୍ତି, ସେଥିରେ ଗାଁର ମାଇପେ ଛୁଆ ପିଲା ଦୁଃଖେକଷ୍ଟେ ଚଳନ୍ତି। ମିର୍ଜା ବି ସେମାନଙ୍କ ଭଳି ବିଦେଶରେ ବାରବର୍ଷ କଟେଇ ଦେଇଛି; କିନ୍ତୁ ଗତଥର ଯେବେ ଗାଁରୁ ପୁଣି ବିଦେଶ ସଫର ଲାଗି ତା'ର ଲୁଗାପଟା ବନ୍ଧାବନ୍ଧି କରୁଥିଲା, ସେଥିରେ ତାକୁ ତା'ର ବୁଢ଼ୀମା ' ବାରଣ କରି ନଥିଲେ ବି ତା'ର ଚାହାଣୀରେ ସେ' କଣ ଗୋଟାଏ ଅସ୍ବାଭାବିକ ଅନୁଭବ କଲା, ବନ୍ଧା ବିସ୍ତର ଫିଟେଇ ଦେଇ ସେ ମା କୁ କହିଲା-

"ମା ' ତୁ ମତେ ପୈଦା କରିଥିଲୁ। ତୋର ଉମର ବେଳେ ମୁଁ ତୋର ନଜଦିକ୍‌ରେ ନ ଥିବି। ଏ କଥା ମୋର ଦିଲ୍‌କୁ ଝଟ୍‌କା ଲାଗିଛି।"

ମିର୍ଜା ଗାଁରେ ରହିବ ସ୍ଥିର କଲା। ଅଣ୍ଡା ସଂଗ୍ରହ କରି ହାଟକୁ ନେବାଠାରୁ ଆରମ୍ଭ କରି ହଡ଼ା ଦଲାଲି ପର୍ଯ୍ୟନ୍ତ ହରଚିଜ୍‌ରେ ସେ ହାତ ଦେଇ ତା'ର ପାଞ୍ଚ ଜଣିଆ ପରିବାରର ଗୁଜୁରାଣ ମେଣ୍ଟାଇବା ଲାଗି ସ୍ଥାନୀୟ ଅର୍ଥନୀତିରେ ଯାବତୀୟ ପନ୍ଥା ଆବିଷ୍କାର କରିବାରେ ଲାଗି ପଡ଼ିଲା । ମିର୍ଜାର ଏହି ଆବିଷ୍କାର କ୍ରମରେ ଆସିଲା ବାଲିଚର ବାରିପଡ଼ିଆ ଆଠଗୁଣ୍ଠକୁ ଉଠିଆ କରିବାରେ ଯୋଜନା। ଏ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେ ଓ ତା'ର ବାରବର୍ଷର ପୁଅ, ଅଠରବର୍ଷର ଝିଅ ଲାଗି ପଡ଼ିଲେ । ନାଗଅଇରି ବଣ ସଫା କରିବାରେ,ବାରି କଡ଼େ କଡ଼େ ଅମରୀ ଡାଳ ପୋତି ବାଡ଼ ଭିଡ଼ିବାରେ, କୁଦକୁ ହାଣି ଜମିକୁ ସମତୁଳ କରିବାରେ । ମିର୍ଜା ଦିଅଁଙ୍କ ପୋଖରୀରୁ ଚାରି ଛଅ ଗାଡ଼ି ପଙ୍କ ଆଣି ସେଠି ପକେଇଛି । ଟୁବି ଗାଡ଼ିଆର ଦଳତକ ଛାଣି ତା ଉପରେ ଗୋବର ପାଣି ଛିଞ୍ଚି, ପତର ଓ କାଦୁଅ ଦେଇ ସେଥିରୁ ଦୁଇ ଗାଡ଼ି କମ୍ପୋଷ୍ଟ ଖତ ବନେଇଛି । ଉଠିପଦା ବ୍ଳକ୍ ଅଫିସରୁ ଚାରି କିଲୋ ସାର ଆଣିଛି ହାଟରୁ ଦୁଇ ଚାରି ସୁଗୁଡ଼ା ଛେଳି ଲଣ୍ଡି ସଂଗ୍ରହ କରିଛି। ଫଉଜି ମଉଜା ବଙ୍କା ଘର ହଳ ବଳଦ ଆଣି ଖତ ମାଟି ଦେଇ ପଡ଼ିଆକୁ ପାଞ୍ଚ ଓଡ଼ ଚାଷ କରି କମଣ କରିଛି ।ଟୁବି ଗାଡ଼ିଆରୁ ପାଣି ବୋହିବାକୁ ଡେଣ୍ଡା ଲଗେଇ ସେଠୁ ତା'ର ବାରି ଯାଏଁ ସରୁ ନାଳଟିଏ ଟାଣିଛି ।

ମିର୍ଜା ଜଗନ୍ନାଥିଆ ନାହାକ କୁ ପଚାରି ଭଲ ଦିନ ବେଳ ବୁଝିଥିଲା-ତଳି ଲାଗିଲା-ଗଛ ଚେର ଧରିଲା, କୁଆଁ ମେଲିଲା ପତର ଛନଛନିଆ ହେଲା ମିର୍ଜା ପ୍ରତ୍ୟେକଟି ଲକ୍ଷ୍ୟ କରୁଥାଏ । ପ୍ରତିଟି ଗଛ ସତେ ଯେପରି ତା'ର ଝିଅ ଯୋଉଦିନ ତାର ଆଖିରେ ପଡ଼ିଲା ପଶ୍ଚିମ ତରଫର ଏକଣା ଗଛରେ ବାଇଗଣ ଫୁଲ କଢ଼ ଧରିଛି ତା ପାଟିରୁ ବାହାରି ପଡ଼ିଲା ଆନନ୍ଦ ବିହ୍ବଳ ଚିତ୍କାର, "ହେ ଆଲ୍ଲା" ସନ୍ଧ୍ୟାବେଳେ ଦିନର ପାଇଟି ସାରି ସେହି ହାତ ଗୋଡ଼ ଧୋଇ ଯେତେବେଳେ ସେ ଚାଦର ପାରି ନମାଜ ପଢ଼ି ବସେ, ସେତେବେଳେ ଆଲ୍ଲାଙ୍କ ମେହେର୍‌ବାନି ମାଗେ ତାର ଏଇ ବାଇଗଣ ବାଡ଼ିର କଲ୍ୟାଣ ଲାଗି,

# ସବୁଜ ବିପ୍ଳବ

*କବି ରଘୁନାଥ ଦାସ*

ପ୍ରତିଟି ଗଛର ସ୍ୱାସ୍ଥ୍ୟ ଲାଗି । ବାଇଗଣ ଗଛରେ ପ୍ରଥମ ଫଳ ଧରିଲା , ମିର୍ଜା ଅନୁଭବ କଲା ସତେ ଯେମିତି ତା'ର ନାତି ହୋଇଛି। ପହିଲି ଦଫା ଫଳ ହାଟକୁ ନେଇ ଯେଉଁ ପଇସା ପାଇଲା, ସେଥିରେ ସେ ସେକ୍ ମନାସ୍‌ର ପିରଙ୍କ ପାଖେ ସିରିଣି ଗାଁ ଯାକ ବାଣ୍ଟିଲା । ଥୁଣ୍ଟା ଗଛର ସୈତାନ ଲାଗି ପତର ଠୁଙ୍ଗାରେ କିଛି ଥୋଇଦେଇ ଆସିଲା ବି।

ସେ ଗାଁ କଥା ଛାଡ଼। ସେ ଅଞ୍ଚଳରେ କେହି ଭାବି ନଥିଲେ ଯେ ବାଲିଚର କୁଦ ଉପରେ ଏପରି ଛନଛନିଆ ବାଇଗଣ କିଆରି ଛିଡ଼ା ହେବ ବୋଲି। ମିର୍ଜା ହାଟପାଳି କି ହାଟପାଳି ବାଇଗଣ ତୋଳେ । ପହିଲି ପହିଲି ସେ ବୋଝରେ ବୋହି ନେଇଯାଉଥିଲା। ପରେ ସେ ଓ ତା'ର ପୁଅ ଦୁହେଁ ଦୁଇଟା ବୋଝ ଧରି ଗଲେ। ତାଙ୍କୁ ବି ବଳକା ହେଲା। ମିର୍ଜା ଭାରୁଆ ଧରି ହାଟକୁ ଗଲା। ମିର୍ଜା ବାଇଗଣ ଗରାଖଙ୍କ ପସନ୍ଦ। ଦେଖି ବାକୁ ଯେମିତି କଳା ଘୁମୁର ଛନ ଛନିଆ ଆକାର ସେମିତି ପୁଷ୍ଟିଆ। ମିର୍ଜା ହାଟରେ ପହଞ୍ଚିଲା ମାତ୍ରେ କଟକିଆ ବେପାରୀ ଛଞ୍ଚାଣ ପରି ଟାକିଥାନ୍ତି ତା'ର ଭାରଟା କିଣି ନେବାକୁ। ପାଳିକି ପାଳି ମିର୍ଜା ହାତକୁ କୋଡ଼ିଏ ପଚିଶ ଟଙ୍କା ନଗଦ ଆସେ ।

ମିର୍ଜା ବିଦେଶ ସଫର ବେଳେ ବହୁତ ପଇସା କମେଇଥିଲା, ବହୁତ ଟଙ୍କା ଉଡ଼େଇଥିଲା; କିନ୍ତୁ ଏ ଆନନ୍ଦ ସେ କେବେ ପାଇନଥିଲା। ତା' ବାଇଗଣ ବାଡ଼ି ବିଷୟର ପ୍ରଶଂସା କରି କେହି କହିଲେ ସେ ତା' କୁର୍ତା ପାକିଟିରୁ ବିଡ଼ିଟାଏ ଧରେଇ ଦେଇ ଦାର୍ଶନିକ ଭଳି କହେ, ମାଟି ନୁହେଁ ସେ ଭାଇ ମା ଟି? ମା'ଟିକୁ ଯେ ଚିହ୍ନିବ , ମା' ନିଶ୍ଚେ ତା' ପେଟକୁ ଦାନା ଦେବେ। ହିଂସକୁଡ଼ା ଲୋକ ମିର୍ଜା କାଟପାଣି କରିଥିବା କଥା କହନ୍ତି। ସେ କଥା ମିର୍ଜା କାନକୁ ଆସିଲେ ସେ ଠୋକର ଦେଇ କୁହେ କାଟ-ପାଣି କରି ନାହିଁରେ ରକତ ପାଣି କରିଛି।

ତିନି ଗାଁ ବୁଲି ଅଣ୍ଡା ଗୋଟେଇବାକୁ ମିର୍ଜାମିଆଁକୁ ଆଉ ଫୁରୁସୁତ ନାହିଁ। ହଡ଼ା ଦଲାଲି ସେ ବିଲକୁଲ ଛାଡିଦେଇଛି। ବାଇଗଣ ବାଡ଼ି ତା'ର ଏକମାତ୍ର କର୍ମ କ୍ଷେତ୍ର ହୋଇଛି। ପହିଲେ ଯେତେ ମେହେନତ କରିବାକୁ ପଡ଼ୁଥିଲା ଏବେ ଏତେ କରିବାକୁ ପଡୁନାହିଁ ସତ, ସପ୍ତାହରେ ବି ଦି'ଟା ପାଣି ଦେଲେ ଚଳୁଛି,କିନ୍ତୁ କୋଉ ଗଛ ମୂଳରୁ ମାଟି ଧୋଇଗଲା ସେଠି ପୁଣି ମାଟି ଦେବା, କେଉଁ ଗଛ ମୂଳରେ ମୂଥା ଚେକା ହୋଇ ବାହାରିଛି, ତାକୁ ଓପାଡ଼ିବା, କେଉଁ ଗଛରେ ପିମ୍ପୁଡ଼ି ଲାଗି କଅଁଳ ଅଗି ଖାଇଗଲେ,ସେଠି ଗଇଁଠା ପାଉଁଶ ପକାଇବା , କୋଉଁ ଗଛରେ ଉଇ ଲାଗିଲେ ସେଠି ଉଇଟାଙ୍କୁ ଓପାଡ଼ି ଫୋପାଡ଼ିବା ଏ ସବୁ କାମ କରିବାକୁ ମିର୍ଜାକୁ ଏତେ ଖୁସି ଲାଗୁଛି ଯେ ସେ ବାଇଗଣ ବାଡ଼ି ଛାଡ଼ି ଆଉ କୁଆଡ଼େ ଯାଏ ନାହିଁ। ତା'ର ବାଇଗଣ ବାଡ଼ିର ଝଙ୍କା ମେଲା ଗଛଗୁଡ଼ାକ ସହିତ ତା'ର କେମିତି ଗୋଟିଏ ତାର ଆତ୍ମୀୟତା ଗଢ଼ି ଉଠିଛି। ତା'ର ମନେ ହୁଏ, ସେଗୁଡ଼ାକ ଯେମିତି ତାକୁ ଦେଖି କୁଲୁରୁଛନ୍ତି, ତା'ର ଆଦର ଯତ୍ନ ବୁଝିପାରୁଛନ୍ତି, ମଣିଷ

www.jatayu.org

# ସବୁଜ ବିପ୍ଲବ

କବି ରଘୁନାଥ ଦାସ

ଭଳି ସେମାନେ ତାକୁ ଭଲ ପାଉଛନ୍ତି, ତା'ର ଦିଲ୍ ସହିତ ତାଙ୍କର ଦିଲ୍ ବାତ୍‌ଚିତ୍ କରୁଛି, ଯାହାର ଆବାଜ କେବଳ ସେ ଶୁଣିପାରେ । ସେମାନେ କହୁଛନ୍ତି ଚଚା, ତୁମେ କେତେ ଆଚ୍ଛା ଆଦମି, ଆମ ଲାଗି କେତେ କୋସିସ୍ କରୁଛ। ଆମେ ଉତରି ଫଳ ଧରିବୁ, ଆଉରି ଫଳିବୁ. ପ୍ରତି ଗଣ୍ଠିରେ ଲେନ୍ଥାଲେନ୍ଥା ହୋଇ ଫଳିବୁ।

ମିର୍ଜା ତା'ର ବାଡ଼ି ବାଇଗଣରୁ କିଛି କିଛି ସବୁ ହାକିମ ହୁକୁମାଙ୍କ ଘରେ ନେଇ ଦେଇ ଆସିଛି। ବି.ଡି.ଓ. ବାବୁ ବାଇଗଣ ଖାଇ କହିଲେ- ମିର୍ଜା ତୋ ବାଇଗଣ ତ ବାଇଗଣ ନୁହେଁରେ, ମୋର ମନେହେଲା ମୁଁ ଲହୁଣି ଖାଉଛି।" ସରପଞ୍ଚ କହିଲେ ମିର୍ଜାର ବାଇଗଣ ଘିଅ। ଗ୍ରାମସେବକ ବାବୁ ମିର୍ଜାର ତାରିଫ୍ ଚାରିଆଡ଼େ କହିବୁଲିଲେ।ଖାଦ୍ୟ ସଂପ୍ରସାରଣ ଅଫିସର ତାଙ୍କ ସାରର କରାମତିର ଦୃଷ୍ଟାନ୍ତ ଦେଇ ବୁଝାଇଗଲା ବେଳେ ମିର୍ଜା କଥା ସବୁଠି ଦର୍ଶାନ୍ତି। ମିର୍ଜା ସରପଞ୍ଚ ବାବୁଙ୍କ ହାତରେ ତା' ବାଇଗଣ ଜିଲ୍ଲା କଲେକ୍‌ଟରକୁ ବି ଖୁଆଇ ଦେଇଛି। ତା' ମାଉସୀ ପୁଅ ଭାଇ ରଜାକ୍ ପୁଲିସ୍ ସାହେବ୍‌ଙ୍କ ଅର୍ଦ୍ଦଳି ଯେ ତିନିବର୍ଷ ହେଲା ତା'ର ପ୍ରମୋଶନ ଅଟକି ରହିଥିଲା।ରଜାକ୍ ମିର୍ଜାର ବିଲ ବାଇଗଣରୁ ଗଣ୍ଠିରାଏ ନେଇ ପୁଲିସି ସାହେବଙ୍କ ଘରେ ଦେଲାରୁ ତା'ର ପ୍ରମୋଶନ ହେଲା।କାନ୍‌ଗୋଇବାବୁ ମିର୍ଜାକୁ ବାଇଗଣ କିଛି ସିଧାସଳଖ ନ ମାଗି ତାକୁ ଧମକ ଦେଲେ, ସେ ସରକାରି ଜାଗାକୁ ଦୁଇ ଜରିବ ମାଡ଼ିଯାଇଛି, ତେଣୁ ତା ନାରେ ଉପରକୁ ରିପୋର୍ଟ କରିବେ , ମିର୍ଜା ତାଙ୍କ ଭାଷା ବି ବୁଝିପାରିଲା ଓ ମନେ ମନେ ଭାବିଲା, ଏ ମଣିଷଗୁଡ଼ାକ ତୁଳନାରେ ତା'ର ବାଇଗଣ ବାଡ଼ିର ମୂକ ଅଚଳ ଜୀବଗୁଡ଼ିକ କେତେ ଭଲ।

ମିର୍ଜାକୁ ବି.ଡ଼ି.ଓ ବାବୁ, ତହସିଲଦାରବାବୁ, ସରପଞ୍ଚବାବୁ, ଗ୍ରାମସେବକ ବାବୁ ଆଦି ଅନେକ ଥର କହନ୍ତି ତା'ର ବାଇଗଣ ବାଡ଼ି ଦେଖିଯିବେ ବୋଲି । ମିର୍ଜାର ବିଶ୍ବାସ ହୁଏ ନାହିଁ। ତା' ଗାଁକୁ ଜିପ୍ ଯିବା ରାସ୍ତା ନାହିଁ, ବାଲିରେ ସାଇକେଲ ବି ଚାଲିବ ନାହିଁ। ଭୋଟବେଳେ ଧୋବ ଧୋବଳିଆ ବାବୁ ଜଣେ ଅଧେ ଯାହା ଆସନ୍ତି, ନଇଲେ ପାଣି କାଦୁଅ ଚକଟି ବାଲିରେ ଚାଲି ଚାଲି ଦି' କୋଶ ବାଟ କିଏ ବା ଆସିବ କାହିଁକି? ସେ ଲକ୍ଷ୍ମିଛଡ଼ା ରାଜ୍ୟକୁ?

ଢ଼େକୁଣୀ ଗାଁର ସବୁଠାରୁ ବିସ୍ମୟକର ଘଟଣା କିନ୍ତୁ ସେଦିନ ଯେବେ ତହସିଲନାରବାବୁ, ବି.ଡ଼ି.ଓ ବାବୁ, ସରପଞ୍ଚବାବୁ, ଗ୍ରାମସେବକ ବାବୁ ଆଉ କେତେକେତେ ଚିହ୍ନାଅଚିହ୍ନା ବାବୁ ସମସ୍ତେ ଏକା ସାଙ୍ଗରେ ଆସି ମିର୍ଜାମିଆଁ ବାଡ଼ିର ଡ଼ିଆଁ ସାମାନାରେ ଜମାୟତ ହୋଇଗଲେ। ମିର୍ଜାମିଆଁ ସେତେବେଳେ ଫାଉଡ଼ାଟିଏ ଧରି ପାଣି ସିଆରକୁ ଆହୁରି ସଳଖ ଓ ଗହିଡ଼ା କରିବାରେ ଲାଗିପଡ଼ି ଥିଲା ଲୁଙ୍ଗିଟାକୁ ଦୋକଛି କାରିଦେଇ । ମିର୍ଜା ଏ ଦୃଶ୍ୟ ଦେଖି କିଛି ବେଳ ପାଇଁ ବିଲ୍‌କୁଲ ହତବାକ୍ ହୋଇ ପଡ଼ିଲା ; ଫାଉଡ଼ା ରଖି ଦେଇ ଦୋକଛି ଫିଟାଇ ପକାଇ ବାବୁମାନଙ୍କୁ ଗୋଟିଏ ଗୋଟିଏ ସଲାମ ପକାଇଲା। ଏତେ ବାବୁ ଅକସ୍ମାତ୍ ଏ ଅପରାନ୍ତ ଗାଁକୁ ଆସିପାର କାରଣ କଣ ହୋଇପାରେ? ଏ ତ ଇଲେକ୍ସନ

www.jatayu.org

# ସବୁଜ ବିପ୍ଳବ

କବି ରଘୁନାଥ ଦାସ

ବଖତ ନୁହେଁ- ମିର୍ଜା ମନେ ମନେ ପ୍ରଶ୍ନ କରୁଥାଏ। ସେ ତ ସରକାର ଜାଗାକୁ ମାଡ଼ି ଯାଇ ନାହିଁ, ପିଛିଲା ବନ୍ଦୋବସ୍ତରେ ତା' ବାପ ନାଁରେ ଥିଲା। ସରକାରୀ ଜମି ତା' ଜମିକୁ ଲାଗି ନାହିଁ। ନିଜ ପ୍ରଶ୍ନରେ ଉତ୍ତର ଦେଉଥିଲା ମିର୍ଜା।

ମିର୍ଜାକୁ ସମ୍ବୋଧନ କରି ବି.ଡ଼ି.ଓ. ବାବୁ କହିଲେ, " ମିର୍ଜାମିଆଁ, କହୁଥିଲୁନା ଆମେ ତୋ ବାଇଗଣ ବାଡି ଦେଖିବାକୁ ଯିବୁ?"

"ବାବୁମାନେ କେତେ ପରିଶାନ ହେଲେ ମୁଁ ଗୋଟାଏ ଗରିବ ଲୋକ । ଆଲ୍ଲାଙ୍କ ମେହେରେବାନିରୁ ଆପଣଙ୍କ ପାଦ ଆମ ଗାଁରେ ପଡ଼ିଲା। ଆଲ୍ଲା କା ମେହେରେବାନି।"

ମିର୍ଜା ତଥାପି ବିଶ୍ବାସ କରିପାରୁ ନଥିଲା, ସେମାନେ ଆସିଛନ୍ତି ତା ବାଇଗଣ ବାଡ଼ି ଦେଖିବାକୁ। ବୋଧ ହୁଏ ଆଉ କେଉଁ କାମରେ ଆସିଛନ୍ତି, କାହାରି ଘର କୋରଖି କି ସରକାର ଜଙ୍ଗଲ ନିଲାମ । ବାବୁମାନେ ଆସିଯାଇଛନ୍ତି ଯେ ସେମାନଙ୍କ ବସିବା ଲାଗି ଗାଁରେ ଦୁଇଟା ଚଉକି ନାହିଁ କି ଉଚ୍ଚା ପିଣ୍ଡା ଖଣ୍ଡେ ନାହିଁ, ଚାହା ନାହିଁ କି ଚାହା କପ୍ ନାହିଁ। ଆଉ ଗାଁକୁ କାହାକୁ ପଠେଇଲେ ଆଠ ଦଶଟା ପଇଡ଼ ମିଳନ୍ତା, କିନ୍ତୁ ବାବୁମାନେ କ'ଣ ଏତେ ସମୟ ରହିବେ ଯେ, ସେ ସେଥିପାଇଁ କୋସିସ୍ କରିବେ?

ବାବୁ ପରିହାସ କରୁଛନ୍ତି ବୋଲି ମିର୍ଜା ଯାହା ଭାବୁଥିଲା, ସରପଞ୍ଚବାବୁ ତାହା ପରିଷ୍କାର କରିଦେଲେ। 'ମିର୍ଜାମିଆଁ, ବାବୁମାନେ ତମ ତାରିଫ୍ ବାଇଗଣ ଚାଷ ଦେଖିବାକୁ ଆସିଛନ୍ତି, ଆମକୁ ତମେ ଧଡ଼ା ମୁହଁରେ ଛିଡ଼ା କରି ରଖିଛ କିଆଁ ? ବାବୁମାନଙ୍କୁ ଟିକିଏ ବାଡ଼ି ବୁଲେଇ ଦେଖେଇ ଦିଅ। ଆମେ ଫେର ଦୁଇକୋଶ ବାଟ ଏ ବାଲିରେ ଯିବୁଟି।"

ଏହା କହି ସରପଞ୍ଚବାବୁ ତାଙ୍କ ଘଣ୍ଟାକୁ ଅନାଇଲେ । ମିର୍ଜା ତା'ର କସୁର ବୁଝିପାରି ବାବୁମାନଙ୍କୁ ଅତି ଆଦରରେ ଡ଼ାକିନେଲା ତା'ର ବାଡ଼ି ଭିତରକୁ ଓ ଗର୍ବ ସହାକାରେ ତା'ର କୃତିତ୍ବ ବୟାନ କରି ଚାଲିଲା। ବାବୁମାନେ ତାକୁ ଉତ୍ସାହିତ କରିବା ଲାଗି ମଝିରେ ମଝିରେ ସାବାସ୍ ପଦେ ପଦେ କହି ଦେଉଥାନ୍ତି। ହେଲେ ଜୋତାରେ କୁଦି, ପାଣି ନାଳ ଭାଙ୍ଗେ ଢ଼େରା ଉପୁଡ଼ା ଉପୁଡ଼ି କରି ସେମାନେ ଯେଉଁ କାଣ୍ଡ ଭିଆଉଥାନ୍ତି ସେଥିରେ ମିର୍ଜାକୁ କଷ୍ଟ ହେଉଥାଏ ଓ ସେ ମନେ ମନେ ଭାବୁଥାଏ ପୁଣି ବାଡ଼ିକୁ ତା'ର ପୂର୍ବ ଅବସ୍ଥା ଆଣିବାକୁ ତାକୁ ଦୁଇ ଚାରି ଦିନ ପୁରା ଦମ୍‌ରେ ଖଟିବାକୁ ପଡ଼ିବ।

ବାବୁମାନଙ୍କ ସାଙ୍ଗରେ ଆସିଥାନ୍ତି ଜଣେ ସବୁଠୁଁ ଚଇନିଫିଟ୍ ବାବୁ-ଜ୍ଞାନବାବୁ; ଯାତ୍ରବାଲାଙ୍କ ପରି ବବୁରୀ ବାଳ ସାଙ୍ଗରେ

www.jatayu.org

*କଥା ସାହିତ୍ୟ*

# ସବୁଜ ବିପ୍ଳବ

କବି ରଘୁନାଥ ଦାସ

ଲମ୍ବ କଲି, ଆଖିରେ କଳା ଚଷମା, ଦେହରେ ଚକ୍ ଚକ୍ ଟେରିଲିନ୍ ସାର୍ଟ ଓ କୋର୍ଟ ସହିତ ନାହି ତଳକୁ ପିନ୍ଧା ନଳୀ ପ୍ୟାଣ୍ଟ, ଗୋଡ଼ରେ ଗୋଜିଆ ଜୋତା ଭାରି ଚିକ୍‌ଣ ହୋଇ ପାଲିସ୍ ହୋଇଛି, ଗୋଇଠିଟା ସରୁ ଓ ଉଚ୍ଚା। ସେ ବାବୁ କୌଣସି ହାକିମ ହୋଇଥିବା ଜଣା ନଥିଲେ ବି ବାବୁମାନଙ୍କ ସାଙ୍ଗେ ସାଙ୍ଗେ ସବୁଠି ବୁଲାବୁଲି କରନ୍ତି ଓ ନିଜକୁ ବି.ଏ. ପାସ୍ ବୋଲି ପରିଚୟ ଦିଅନ୍ତି। ଜ୍ଞାନବାବୁ ସରପଞ୍ଚଙ୍କ ଭଣଜା, ତେଣୁ ତାଙ୍କର ସେ ଅଞ୍ଚଳରେ ପରିଚୟ ଓ ପ୍ରତିପତ୍ତି ସମସ୍ତଙ୍କୁ ଜଣା। ଜ୍ଞାନବାବୁ ତାଙ୍କ ପୋଷାକ ଓ ଯୋତା ଅସନା ହୋଇ ଯିବା ଭୟରେ ଅନ୍ୟମାନଙ୍କ ଭଳି ବାଇଗଣ କିଆରିରେ ଏପଟ ସେପଟ ନ ଖେଦି ହୁସିଆରିରେ ପାଦ ପକାଉଥାନ୍ତି ଗୋଟିଏ ଗୋଟିଏ।

ଜ୍ଞାନବାବୁ ବେକରେ ଲମ୍ବାଇଥିବା କ୍ୟାମେରାଟା ବାହର କରି ଆଖି ଆଗରେ ଧରିଲେ। ସରପଞ୍ଚବାବୁ ବଡ଼ ପାଟିରେ ମିର୍ଜାକୁ ଡ଼ାକି କହିଲେ –" ମିର୍ଜା ଦେଖେ ଦେଖେ ତୋ ବାଇଗଣ କିଆରିର ଫଟୋ ଉଠା ହେଲା।" ମିର୍ଜା ନିଜକୁ ଧନ୍ୟ ମନେ କଲା । ବାଇଗଣ ଗଦାର ଗୋଟିଏ ଫଟୋ ଉଠାଇଲେ ଭଲ ହୁଅନ୍ତା ବୋଲି ତହସିଲିଦାରବାବୁ ପ୍ରକାଶ କଲେ। ମିର୍ଜା ଓ ତାର ପୁଅ ସଙ୍ଗେ ସଙ୍ଗେ ବାଇଗଣ ତୋଳି ଗଦାଇବାକୁ ଲାଗିଲେ। ଇତିମଧ୍ୟରେ ବାବୁମାନେ ସେଇ ବାଇଗଣ ବାଡ଼ିରେ ସବୁ ଏକାଠି ଛିଡ଼ା ହେଲେ , ମଝିରେ ଜ୍ଞାନବାବୁ। ଗ୍ରାମସେବକବାବୁ ସେମାନଙ୍କ ଫଟୋ ଉଠାଇଲେ । ବିଲରେ ଗୋଟିଏ କଣରେ କୁଡ଼ା ହୋଇଥିବା ଦୁଇ ଗଦା ବାଇଗଣର ଫଟୋ ମଧ ନିଆଗଲା। ସରପଞ୍ଚବାବୁ ମିର୍ଜା କୁ ଗୋଟିଏ ଫଟୋ ଉଠାଇବା ପ୍ରସଙ୍ଗ ଉଠାଇଲେ ଓ ବାବୁମାନେ ସେଥିରେ ଆଗ୍ରହ ପ୍ରକାଶ କାଲେ ।ମିର୍ଜାକୁ ପୁଣି ଦୋଛକି ମାରି ଫାଉଡ଼ା ଧରିବାକୁ ପଡ଼ିଲା । ବାଡ଼ିରେ କାମ କରୁଥିବା ମିର୍ଜାର ଫଟୋ ... ମିର୍ଜାର ଛାତି କୁଣ୍ଢେମୋଟ। ଏ ବାବୁମାନେ ସତେ କେତେ ଦିଲ୍‌ଦାର ଲୋକ ସେମିତି ଗୁଣ ନଥିଲେ ଆଲ୍ଲା ତାଙ୍କୁ ହାକିମ କରି ବସାଇଥାନ୍ତେ, ମିର୍ଜା ମନେ ମନେ ଆଲ୍ଲାଙ୍କୁ ଓ ବାବୁଙ୍କୁ କୃତଜ୍ଞତା ଜଣାଇଲା। ବାବୁମାନଙ୍କୁ ଦେଖି ସେଠାରେ ଜମି ଥିବା ଗ୍ରାମବାସୀମାନେ ମିର୍ଜା ଲାଗି ଗର୍ବ ଅନୁଭବ କଲେ। ମିର୍ଜାର ଏ ବାଇଗଣ ବାରି ଉଠିଆ ନ କରିଥିଲେ ଢେଙ୍କୁଣି ଗାଁକୁ କେବେହେଲେ ଏ ବାବୁମାନେ ଆସନ୍ତେ।

ବାବୁମାନେ ଫେରିଯିବାକୁ ବସିଲେ ମିର୍ଜା ସେମାନଙ୍କର କୌଣସି ଚର୍ଚ୍ଚା କରିପାରିଲା ନାହିଁ ବୋଲି ଲଜ୍ଜିତ ହେବା ସହିତ ସେମାନଙ୍କ ନିକଟରେ ବାରବାର କସୁର ମାଗି ଗୋଟିଏ ଟୋକେଇରେ ଟୋକେଇଏ ବଛା ବଛା ବାଇଗଣ ମୁଣ୍ଡେଇ ତାଙ୍କ ପଛେ ପଛେ ଚାଲିଲା। ଗରିବର ଏହି ଉପହାର ଦେଖି ବି.ଡ଼ି.ଓ ବାବୁ ପ୍ରତିବାଦ କଲେ । " ଏଗୁଡ଼ାକ କଣ?" ବାବୁମାନଙ୍କ ଭାଷା ଓ ଆଦତ ବୁଝିବାର ଯୋଗ୍ୟତା ମିର୍ଜାର ଥିଲା।

Powered by Tekons

*କଥା ସାହିତ୍ୟ*

# ସବୁଜ ବିପ୍ଳବ

*କବି ରଘୁନାଥ ଦାସ*

ବାବୁମାନେ ଆଗେ ଆଗେ , ଟୋକେଇ ମୁଣ୍ଡାଇ ମିର୍ଜା ପଛରେ ପଛରେ। ବାବୁମାନେ ମିର୍ଜାର ବୁଦ୍ଧି ଓ ବିଚାର, ପରିଶ୍ରମ ଆଦି ନାନା ସଦ୍‌ଗୁଣ ଭୂୟସୀ ପ୍ରଶଂସା କରି ଚାଲିଛନ୍ତି। ଏହି ସମୟରେ ଗାଁ ମୁଣ୍ଡ ସେଇ ଥୁଣ୍ଟାଗଛ ପାଖରେ ଛିଡ଼ା ହଇଗଲେ।କେହି ଯିମିତି ତାଳି ମାରି ଠୋ ଠୋ ହସୁଛି। ତହସିଲଦାରବାବୁ ଥୁଣ୍ଟା ଗଛରେ ସେଇ ମଲାଙ୍ଗ ବରଗଛର ଦୋହଲିଥିବା ପତର ଦି'ଟାକୁ ଅନାଇଲେ । " କେଡ଼େ ଆବାଜ କରୁଛି ଏ ପତ୍ର ଦୁଇଟା' ।" ସେମାନେ ଆଗକୁ ଚାହିଁଲେ ତାଙ୍କ ପଛରେ ପତ୍ର ଦୁଇଟା ସେହିଭଳି ତାଳିମାରି ଚାଲୁଥାଏ।

ନଈପାରି ହୋଇ ବାବୁମାନେ ଜିପ୍‌ରେ ବସିଲେ । ମିର୍ଜା ଜିପ୍‌ରେ ଟୋକେଇଟା ଥୋଇଲା। ସରପଞ୍ଚ ମିର୍ଜା ହାତକୁ ପାଞ୍ଚଟଙ୍କା ବଢ଼ାଇଦେଲେ। ମିର୍ଜା ଦୃଢ଼ ପ୍ରତିବାଦ କଲା । ସେ ଗରିବ ଲେକିନ୍ ତାର ଦିଲ୍ ଛୋଟ ନୁହେଁ। ନବାବ ଠାଣିରେ ମିର୍ଜାର କଥାରେ ସରପଞ୍ଚବାବୁ ଆଉ ଭରସି ନ ପାରି , ମିର୍ଜାପୁଅ ପାକିଟିରେ ପାଞ୍ଚଟଙ୍କା ଗଳାଇ ଦେଲେ। ମିର୍ଜା ପ୍ରତିବାଦ କରୁଥିଲା; ସରପଞ୍ଚବାବୁ କହିଲେ ପିଲାର ଯାତ୍ର ଖର୍ଚ୍ଚ ଲାଗି ପିଲାକୁ ବକ୍‌ସିସ୍ ଦେଲେ, ସେ ନେଇ ମିର୍ଜା କହିବାର ହକ୍ ନାହିଁ । ମିର୍ଜା ଜବାବକୁ ଅପେକ୍ଷା ନ କରି ଜିପ୍‌ଗାଡ଼ିର ଚକା ଘୁରିବାକୁ ଲାଗିଲା। ମିର୍ଜା ସେମାନଙ୍କୁ ପଛରୁ ସଲାମ ଜଣାଇଲା। ସେମାନେ ସତେ କେଡ଼େ ମହତ୍।

x x x x x x x x x x x x x x x x x x x x x x x x x x x

ଆଠ ମାସ ଗଡ଼ିଯାଇଛି। ଶୁଖିଲା ଡ଼ାଙ୍ଗ ଓପାଡ଼ି ମିର୍ଜା ତା' ଜାଗାରେ ଜମିକୁ ସାନି ପାଗ କରିଛି ମକ୍‌କା ପାଇଁ ପ୍ଲାଷ୍ଟିକ୍ ବ୍ୟାଗରେ କିଲେ ଆମେରିକାନ୍ ମକ୍‌କା ମଞ୍ଜି ସହିତ ତା' ମୁଣ୍ଡ ଉପରେ ଥିବା ଟୋକେଇରେ ଅଛି ଆଠ କିଲୋ ୟୁରିଆ ସୁପର ଫସ୍‌ଫେଟ ଓ ଶିଶିକ କୀଟାନାଶକ ଓଷଧ ଓ ଖଣ୍ଡେ କିତାବ। ବ୍ଲକ୍ ଅଫିସରେ ହାକିମ ଠାରୁ ଆରମ୍ଭ କରି ଚପରାସି ଯାଏଁ, ତାକୁ ଯେଉଁ ଖାତିରି କରୁଛନ୍ତି ମିର୍ଜା ସେହିସବୁ କଥା ଭାବୁଛି। ନୂଆ କିଛି ମଞ୍ଜି ଆସିଲେ ଆଗ ମିର୍ଜାକୁ ଦିଅ। ନୂଆ କିଛି ସାର ଆସିଲେ , ମିର୍ଜା ପାଇଁ ଅଲଗା ପୁଡ଼ିଆ ବନ୍ଧା ହୋଇ ଥୁଆ ହୋଇଥିବ। ମିର୍ଜା ଆସିଛି ବୋଲି ବି.ଡ଼ି.ଓ. ବାବୁ ତାକୁ ହସିକିରି ପଚାରନ୍ତି ମିର୍ଜା ଆସିଚ? ଏଥର କଣ ଲଗାଉଚ?

ଏଥର ବି.ଡ଼ି.ଓ. ବାବୁ କରି ତାକୁ ହସି ହସି କିତାବ ଖଣ୍ଡେ ଉପହାର ଦେଲେ। ମିର୍ଜା ପାଠପଢ଼ି ନାହିଁ ସତ; ହେଲେ କିତାବରେ ମିର୍ଜାର ବାଇଗଣ ବଗିଚାର ଛବି ବାହାରିଛି। ବାବୁମାନଙ୍କର ଫଟୋ ଅଛି। ମିର୍ଜାର ଛବି ବାହାରିଛି। ସେ ନେଉଛି ତା'ର ବିବିକୁ ଓ ପିଲାମାନଙ୍କୁ ଦେଖାଇବ।

ମିର୍ଜାକୁ ତା'ର କଳ୍ପଲୋକରୁ ଧକ୍କା ମାରି କିଏ ଗଡ଼େଇ ଦେଲା ଢ଼େଙ୍କୁଣୀ ଗାଁର ବାଲିକୁଦକୁ। ତାଳି ମାରି ମାରି ଥୁଣ୍ଟା

# ସବୁଜ ବିପ୍ଳବ

କବି ରଘୁନାଥ ଦାସ

ଗଛର ସଇତାନ ଡ଼ାଙ୍ଗଟା ଦୋହଲି ଯାଉଛି ନାଚି ନାଚି ଓ ତା' ସହିତ ପର ଦି'ଟା ବି ଭୀଷଣ ଜୋରରେ ଦୋହଲୁଛି। ବଡ଼ଡାଙ୍ଗଟା ସତେ ଯେପରି ହସି ଗଡ଼ି ଯାଉଛି; ଆଉ ତା' ମୁଣ୍ଡ ଉପରେ ଥିବା ଚୋକେଇ ଭିତରେ କିତାବର ପତ୍ରଗୁଡ଼ିକ ସଇତାନ ତା' ଆଙ୍ଗୁଳିର ଲେଉଟାଇ ଚାଲିଛି।

କବିତାର ପହିଲି ନମ୍ବର ଛବି ଜ୍ଞାନବାବୁଙ୍କର, ଛବି ତଳେ ଲେଖାଅଛି ଜିଲ୍ଲାର ଆଦର୍ଶ କୃଷକ। ତା' ପର ଛବିଟିରେ ଜ୍ଞାନ ବାବୁଙ୍କୁ ଜିଲ୍ଲାପାଳ ଦେଉଛନ୍ତି ସମ୍ମାନପତ୍ର ଓ ନଗଦ ପାଞ୍ଚଶହ ଟଙ୍କା ପୁରସ୍କାର। ତା' ପର ଛବି ବାଇଗଣ ବିଲରେ ବି.ଡ଼ି.ଓ. ଓ ଅନ୍ୟନ୍ୟା ସହଯୋଗୀ ସରକାରୀ କର୍ମଚାରୀଙ୍କ ଗହଣରେ ଜ୍ଞାନବାବୁ। ତା' ପର ଛବି ହେଉଛି ବାଇଗଣ ଗଦା, ଗୋଟିଏ ପାଖରେ ଛିଡ଼ା ହେଇଛି ମିର୍ଜା ଓ ତା'ର ଆର ପାଖରେ ତା'ର ପୁଅ । ଶେଷ ଛବିଟି ଜ୍ଞାନ ବାବୁଙ୍କ ବାଇଗଣ ବିଲରେ କର୍ମରତ ଦୋକଚ୍ଛା ପିନ୍ଧା ମୂଲିଆ ମିର୍ଜାର।

www.jataayu.org